## ସଂକ୍ଷେପରେ

### ପୁତୁରା ଟାଙ୍ଗିଆ ଚୋଟରେ ବଡ଼ବାପା ମୃତ

ଉମରକୋଟ, ୨୯।୧(ସ୍ୱ.ପ୍ର.)- ଜମିଜମା ବିବାଦକୁ ନେଇ ପରିବାର ମଧ୍ୟରେ ଗଣ୍ଡଗୋଳରୁ ହତ୍ୟାକାଣ୍ଡ। ପୁତୁରା ଟାଙ୍ଗିଆ ଚୋଟରେ ବଡ଼ବାପା ମୃତ ଓ ଭାଇ ଗୁରୁତର ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ଦୁର୍ଗା ଗ୍ରାମରେ। ମୃତକ ହେଲେ ଖାଡ଼ି ଗଣ୍ଡ (୬୨)। ଅଭିଯୁକ୍ତ ଫୁଲଦାସ ଗଣ୍ଡ(୧୯)ଙ୍କୁ ପୋଲିସ ଗିରଫ କରିଛି। ଦୁର୍ଗା ଗ୍ରାମର ବାଘପାରା ସାହିରେ ରହୁଥିବା ଖାଡ଼ି ଗଣ୍ଡ ଓ ତାଙ୍କ ସାନଭାଇଙ୍କ ମଧ୍ୟରେ ପୂର୍ବରୁ ଜମିଜମା ବିବାଦ ଲାଗି ରହିଥିଲା। ଶୁକ୍ରବାର ରାତିରେ ଖାଡ଼ିଙ୍କ ସାନ ଭାଇଙ୍କ ପୁଅ ଫୁଲଦାସ ଗଣ୍ଡ, ସୁଶାନ୍ତ ଗଣ୍ଡ ହଠାତ୍ ତାଙ୍କ ଘର ମଧକୁ ପଶି ଆସିଥିଲେ। ସେମାନେ ଟାଙ୍ଗିଆ ଓ ଛୁରିରେ ଆକ୍ରମଣ କରିଥିବା ନେଇ ଖାଡ଼ିଙ୍କ ସ୍ତ୍ରୀ ଇଁ ରମେଶ ଗଣ୍ଡ ଅଭିଯୋଗ କରିଛନ୍ତି। ଏହି ଆକ୍ରମଣରେ ଖାଡ଼ିଙ୍କ ପୁଅ ରବୀନ୍ଦ୍ର ଗଣ୍ଡ(୨୫)ଙ୍କ ବାମ କାନ୍ଧ ଓ ଛାତିରେ ଆଘାତ ଲାଗିଛି। ଗୁରୁତର ଥିବାରୁ ତାଙ୍କୁ କୋରାପୁଟସ୍ଥିତ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଉମରକୋଟ ଥାନାଧିକାରୀ ନରେଶ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ୪୩/୨୨ରେ ମାମଲା ରୁଜୁ ହୋଇଛି। କଳାହାଣ୍ଡିରୁ ଏକ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରୁଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ସୁଶାନ୍ତ ଗଣ୍ଡ (୨୨) ଫେରାର ଅଛନ୍ତି। ତାଙ୍କୁ ଅତି ଶୀଘ୍ର ଧରାଯିବ ବୋଲି ପୋଲିସ କହିଛି।

### ପଲିଥିନ ବର୍ଜନ ନେଇ ସଚେତନତା ଶୋଭାଯାତ୍ରା

ଜୟପୁର, ୨୯।୧(ନି.ପ୍ର.)- ପଲିଥିନ ବର୍ଜନ ନେଇ ଏକ ସଚେତନତା ଶୋଭାଯାତ୍ରା ଜୟପୁର ସହର ପରିକ୍ରମା କରିଥିଲା। ଜୟପୁର ପୌରପାଳିକା ପକ୍ଷରୁ ଏହି ଶୋଭାଯାତ୍ରା ମୁଖ୍ୟ ଟ୍ରାଫିକ ଛକରୁ ବାହାରି ରଜାନହର ଛକଠାରେ ଶେଷ ହୋଇଥିଲା। ପୌର କାର୍ଯ୍ୟନିବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ଶୋଭାଯାତ୍ରା ବାହାରିଥିଲା। ମୋ ସ୍ୱାଭିମାନ, ସ୍ୱଚ୍ଛ ଜୟପୁର, ସହରକୁ ସୁସ୍ଥ ରଖି ପରିବେଶକୁ ସୁରକ୍ଷା ଦେବା ନେଇ ସଚେତନ କରାଯାଇଥିଲା। ଜୟପୁର ସହରବାସୀ ଓ ସହ ଦୋକାନୀମାନଙ୍କୁ ସଚେତନ କରାଯାଇଥିଲା। ଘରୁ ଓ ଦୋକାନରୁ ବାହାରୁଥିବା ଅଳିଆ ଏଣେତେଣେ ନ ପକାଇ ପୌରପାଳିକା ପକ୍ଷରୁ ଆସୁଥିବା ଗାଡ଼ିରେ ଦେବାକୁ କୁହାଯାଇଛି। ଯେଉଁମାନେ ଏହି ନିୟମ ଅବମାନନା କରିବେ ସେମାନଙ୍କ ଉପରେ ଜରିମାନା ହେବ ବୋଲି ଚେତାବନୀ ଦିଆଯାଇଛି। ଏହି ଶୋଭାଯାତ୍ରାରେ ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର, ସାନିଟାଇଜ ଇନ୍ସପେକ୍ଟର, ଜମାଦାର ପ୍ରମୁଖ ସାମିଲ ଥିଲେ।

### ଅବକାରୀ, ପୋଲିସ ଟିମ୍ ଉପରେ ଆକ୍ରମଣ ଘଟଣାରେ ୩ ଗିରଫ

ରାଇଘର, ୨୯।୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ରାଇଘର ବ୍ଲକରେ ଅବକାରୀ ଓ ପୋଲିସ ଟିମ୍ ଉପରେ ଆକ୍ରମଣ ସହ ଗାଡ଼ି ଭଙ୍ଗାରୁଜା ଘଟଣାରେ ପୋଲିସ ଶନିବାର ତାରିଗାଁର ରାମଦେବ କଲାର (୪୫), ଧନସାୟ କଲାର (୫୫) ଓ ଦଶମନ୍ତ କଲାର (୫୭)ଙ୍କୁ ଗିରଫ କରିଛି। ରାଇଘର ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି। କେତେକ ଭିଡିଓ କ୍ଲିପ୍ ଆଧାରରେ ତଦନ୍ତ ଚାଲିଛି ବୋଲି ସୂଚନା ମିଳିଛି। ସୂଚନାନୁଯାୟୀ, ଶୁକ୍ରବାର ଉମରକୋଟ ଅବକାରୀ ନିରୀକ୍ଷକ ହରିହର ସିଂଙ୍କ ତତ୍ତ୍ୱାବଧାନରେ ଉମରକୋଟ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ମନୁ ଆୟଲ, ରାଇଘର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ କୁଶ ଜାଲ, ରାଇଘର ପୋଲିସ ଏସ୍ଆଇ ମନୋରଞ୍ଜନ ବେହେରାଙ୍କ ସହ ଏକ ଟିମ୍ ତାରିଗାଁରେ ଚଢ଼ାଉ କରିଥିଲେ। ଗ୍ରାମବାସୀ ସେମାନଙ୍କୁ ଢେଲାପଥର ମାଡ଼ କରିବା ସହ ଉଭୟ ଗାଡ଼ିର କାଚ ଭାଙ୍ଗିଥିଲେ। ଏଥିରେ ଅନେକ ଅବକାରୀ ଓ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ରାଇଘର ପୋଲିସ ୨୬/୨୨ ରେ ମାମଲା ରୁଜୁ କରିଥିଲା। ରାଇଘର ଥାନାଧିକାରୀ ଟଙ୍କଗିରି ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଗ୍ରାମରେ ପହଞ୍ଚି ତଦନ୍ତ କରିଥିଲା।

### ଅବକାରୀ ଚଢ଼ାଉ, ଜଣେ ଗିରଫ

ପାପଡାହାଣ୍ଡି,୨୯।୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ବିଭିନ୍ନ ଅଞ୍ଚଳରେ ଶନିବାର ଅବକାରି ପୋଲିସ ଚଢ଼ାଉ କରି ଜଣକୁ ଗିରଫ କରିଛନ୍ତି। ବିପୁଳ ପରିମାଣର ମଦ ଜବତ ସହ ବ୍ୟାପକ ପୋଚ ନଷ୍ଟ କରାଯାଇଛି। ଶୁଣ୍ଡିଗୁଡାର ନୀଳମ ବିଷୋୟୀଙ୍କୁ ଗିରଫ କରାଯାଇଛି। ନବରଙ୍ଗପୁର ଜିଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ ପାପଡାହାଣ୍ଡି, ଡାବୁଗାଁ ଓ ଉମରକୋଟ ଅବକାରୀ ପୋଲିସର ଜଟାବାଲ, ଶୁଣ୍ଡିଗୁଡା ଓ ବନ୍ଧଗୁଡାରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଉମରକୋଟ ଇନ୍ସପେକ୍ଟର ହରିହର ସିଂ, ଏସ୍ଆଇ ମାନୁ ଆୟଲ, ଏଏସ୍ଆଇ ସୁନାଧର କିର୍ଷାନୀ, ଡାବୁଗାଁ ଏସ୍ଆଇ ବିଜୟ ସାହୁ, ପାପଡାହାଣ୍ଡି ଓଆଇସି ଅମୀୟ ଖଞ୍ଜ ଓ କର୍ମଚାରୀ ସାମିଲ ଥିଲେ।

# ନୂତନ ରେଳପଥ ପାଇଁ ଜମି ଅଧିଗ୍ରହଣ କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

କୋରାପୁଟ,୨୯।୧(ସ୍ୱ.ପ୍ର.)

କୋରାପୁଟସ୍ଥିତ ଜିଲାପାଳଙ୍କ ସଭା ଗୃହରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆର୍‌ଡିସି) ଏ. ଅପାଙ୍ଗ ଆଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଆର୍‌ଡିସି କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଜିଲାର ବିଭିନ୍ନ ରାଜସ୍ୱ ମାମଲାର ସମୀକ୍ଷା କରିଛନ୍ତି। ଆର୍‌ଡିସିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କୋରାପୁଟ ଜିଲାପାଳ ଅବ୍ଦାଲ ଏମ୍. ଅଖତାର, କୋରାପୁଟ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, ନବରଙ୍ଗପୁର ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ମାଲକାନଗିରି ଅତିରିକ୍ତ ଜିଲାପାଳ ବିରେସନ ପ୍ରଧାନ, ରେଲୱେର ଭୁ ଅର୍ଜନ ଅଧିକାରୀ ଅମୁଲ୍ୟ ସାହୁ, କୋରାପୁଟ ତେଲେଙ୍ଗିରିର ଭୂ-ଅର୍ଜନ ଅଧିକାରୀ ଜନ୍ମେଜୟ ସ୍ୱାଇଁ , କୋରାପୁଟ ଉପଜିଲାପଳ ଲଳିତ କୁମାର କହଁର, ଜୟପୁର ଉପଜିଲାପାଳ ଦେବବର ପ୍ରଧାନଙ୍କ ସମେତ ବହୁ ରାଜସ୍ୱ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ରାଜସ୍ୱ ବିଭାଗର କାର୍ଯ୍ୟ ସବୁ ନିର୍ଦ୍ଧାରିତ ସମୟ



ବୈଠକରେ ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କ ସମେତ ଅନ୍ୟ ଅଧିକାରୀମାନେ।

**ଦକ୍ଷିଣାଞ୍ଚଳ ଆରଡିସିଙ୍କ ସମୀକ୍ଷା**

ମଧ୍ୟରେ ଶେଷ କରିବାକୁ ଆର୍‌ଡିସି ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଶେଷ କରି ଜୟପୁର-ନବରଙ୍ଗପୁର ଓ ଜୟପୁର-ମାଲକାନାଗିରି ରେଳପଥ ନିମନ୍ତେ ଜମି ନିମନ୍ତେ ରାଜସ୍ୱ ବିଭାଗ ପକ୍ଷରୁ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା, ଭାରତମାଳା ଜାତୀୟ ରାଜପଥ ପ୍ରକଳ୍ପ ନିମନ୍ତେ ଜମି, ସରକାରୀ ଜମି ଜବରଦଖଲ, ମୁଟେସନ କେସ୍, ପଡାଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ଆଦି ବିଭିନ୍ନ ରାଜସ୍ୱ କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ଆର୍‌ଡିସି ନିର୍ଦ୍ଦେଶ ଦେଇଥିଲେ।

## ସାମ୍ବିଧାନିକ ଅଧିକାର, ନାଗରିକଙ୍କ କର୍ତ୍ତବ୍ୟ ନେଇ ସଚେତନତା

ଗୁଣପୁର,୨୯।୧(ଡି.ଏନ.ଏ)

ରାୟଗଡ଼ା ଜିଲା ଗୁଣପୁର ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଶନିବାର ସାମ୍ବିଧାନିକ ଅଧିକାର ଏବଂ ନାଗରିକର କର୍ତ୍ତବ୍ୟ ନେଇ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନ୍‌ଲାଇନ୍‌ରେ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସଂସ୍ଥାର ଅଧ୍ୟକ୍ଷ ତଥା ଗୁଣପୁର ଏଡିଜେ ମାନସ ରଞ୍ଜନ ରଥ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବ୍‌ଜଜ୍ ସଙ୍ଗିତା ମଲିକ, ଏସ୍‌ଡିଜେଏମ୍ ବିଭୂତି ଭୂଷଣ ନାୟକ, ଜେଏମ୍ଏଫ୍‌ସି ବର୍ଷା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଷମକଟକ ଏସ୍‌ଡିପିଓ ଆକାଶ ସାହୁ, ଆଇଆଇସି ସୁଜ୍ଞାନି ସାହୁଙ୍କ ସମେତ କୋର୍ଟର କର୍ମଚାରୀ ଏବଂ ଓକିଲମାନେ ଯୋଗଦେଇ ସମ୍ବିଧାନର ଅଧିକାର ଏବଂ ଏଥିପ୍ରତି ପ୍ରତ୍ୟେକ ନାଗରିକଙ୍କ ରହିଥିବା କର୍ତ୍ତବ୍ୟ ନେଇ ଆଲୋକପାତ କରିଥିଲେ। ଆଇନଜୀବୀ ରମେଶ ଲିମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଗଡ଼ ଫେରିପାଇବା ଲକ୍ଷ୍ୟରେ ବିଜେଡି

ରାଇଘର, ୨୯।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକରେ ଏବେ ନିର୍ବାଚନୀ ପ୍ରଚାର ଜୋର୍‌ଦାର ଚାଲିଛି। ଗ୍ରାମାଞ୍ଚଳରେ ନେତା ଡେରା ପକାଇ ଲୋକଙ୍କୁ ଏକାଠି କରି ଜୋର୍‌ଦାର ପ୍ରଚାର କରୁଛନ୍ତି। ଉମରକୋଟ ନିର୍ବାଚନମଣ୍ଡଳୀ ମଧ୍ୟରୁ ରାଇଘର ବ୍ଲକର ଚାରି ନମ୍ବର ଜିଲା ପରିଷଦ ଆସନ ଅଧିକ ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ଏଠାରେ ତିନି ଦଳର ପ୍ରଚାର ମଧ୍ୟ ଜୋର୍‌ଦାର ହୋଇଛି। ଏକଦା ବିଜେଡି ଗଡ଼ଭାବେ ପରିଚିତ ଥିବା ଚାରି ନମ୍ବର ଜିଲା ପରିଷଦ ଆସନକୁ ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ଦଖଲ କରିଛି।

ରାଇଘର ବ୍ଲକର ଚାରି ନମ୍ବର ଜିଲା ପରିଷଦ ଆସନ ମଧ୍ୟରେ ଗୋନା, କୁମୁଲି,

**ରାଇଘର ୪ ନମ୍ବର ଜିଲା ପରିଷଦ ଜୋନ୍**

କୁରାବେଡ଼ା, ଟିମନପୁର, ମୁଣ୍ଡିବେଡ଼ା, ହଳଦୀ ଓ ପାରୁଆ ପଞ୍ଚାୟତ ରହିଛି। ଜିଲା ପରିଷଦ ଆସନ ଚଳିତ ଥର ଅନୁସୂଚିତ ଜାତି ନିମନ୍ତେ ସଂରକ୍ଷଣ କରାଯାଇଛି। ଏହି ଆସନ ନିମନ୍ତେ ମୋଟ ୫ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡିରୁ ଖଗେଶ୍ୱର ହରିଜନ, ଭାଜପାରୁ ନେପାଳ ଘୋରାମି, କଂଗ୍ରେସରୁ ନରସିଂ ହରିଜନ, ବିଏସ୍‌ପି ପକ୍ଷରୁ ପୁଷ୍ପାଞ୍ଜଳି ନାୟକ ଓ ସ୍ୱାଧୀନ ପ୍ରାର୍ଥୀଭାବେ ନରସିଂ ବିଭାର ରହିଛନ୍ତି। ପୂର୍ବତନ ବିଧାୟକ ଜଗବନ୍ଧୁ ମାଝି, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଣବ ଭୂୟାଁ ଏଠାରେ ବିଜେଡି ଗଡ ମଜଭୁତ କରିଥିଲେ। କିନ୍ତୁ ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ପ୍ରାର୍ଥୀ ପ୍ରୀତିସ୍ନିଗ୍ଧା ମହାପାତ୍ର ବିଜୟୀ ହୋଇଥିଲେ। ବର୍ତ୍ତମାନ ଭାଜପା ପକ୍ଷରୁ ଏଠାରେ ନେପାଳ ଘୋରାମି ପ୍ରାର୍ଥୀ ହୋଇଥିବା ବେଳେ ଗ୍ରାମାଞ୍ଚଳରେ ଯାଇ ଜୋର୍‌ଦାର ପ୍ରଚାର ଆରମ୍ଭ କରିଛନ୍ତି। ଏହି ଜିଲା ପରିଷଦ ଆସନ ମଧ୍ୟରେ ଆଦିବାସୀ ଅଧ୍ୟୁଷିତ ତଥା ଅନେକ ଦୁର୍ଗମ ଅଞ୍ଚଳ ରହିଛି। ନେଟ୍‌ୱର୍କ ନ ଥିବାରୁ ପ୍ରାର୍ଥୀ ସିଧାସଳଖ ଭୋଟରଙ୍କ ନିକଟତର ହେଉଛନ୍ତି। ଭାଜପା ପ୍ରାର୍ଥୀ ଜଙ୍ଗଲ ମଧ୍ୟରେ ଲୋକଙ୍କୁ ନେଇ ପ୍ରଚାର କରୁଛନ୍ତି। ବିଜେଡି ନିଜ ଗଡ଼କୁ ଫେରିପାଇବାକୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରୁଛି ବୋଲି ରାଜନୀତି ମହଲରେ ଚର୍ଚ୍ଚା ହେଉଛି।

# ତେନ୍ତୁଳିଗୁମ୍ମା ପଞ୍ଚାୟତ ସରପଞ୍ଚ, ସମସ୍ତ ୱାର୍ଡମେମ୍ବର, ସମିତିସଭ୍ୟ ଅପ୍ରତିଦ୍ୱନ୍ଦ୍ୱୀ

ବୈପାରିଗୁଡ଼ା, ୨୯।୧(ଡି.ଏନ୍.ଏ.)

ବୈପାରିଗୁଡ଼ା ବ୍ଲକରେ ୨୪ ତାରିଖରେ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ବୈପାରିଗୁଡ଼ା ବ୍ଲକରେ ୨୦ ପଞ୍ଚାୟତ ରହିଛି। ୧୦ ଲେଖାଏ ପଞ୍ଚାୟତକୁ ନେଇ ଜିଲା ପରିଷଦ ଜୋନ୍-୧ ଓ ଜିଲା ପରିଷଦ ଜୋନ୍ ୨ ଗଠିତ ହୋଇଛି। ଚଳିତ ନିର୍ବାଚନରେ ଜିଲା ପରିଷଦ ଜୋନ୍-୧ ଆସନଟି ତଫସିଲଭୁକ୍ତ ଜାତି ପ୍ରାର୍ଥୀ ଓ ଜୋନ୍-୨ ଆସନଟି ଆଦିବାସୀ ମହିଳା ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଛି। ଜୋନ୍-୧ରେ ୩୭ ହଜାର ୯୭୨ ଓ ଜୋନ୍-୨ରେ ୩୪ ହଜାର ୧୭୧ ଭୋଟର ଅଛନ୍ତି। ୩୭ , ୩୦୮ ମହିଳା, ୩୪ , ୮୩୨ ପୁରୁଷ ଓ ଅନ୍ୟାନ୍ୟ ୩ ଭୋଟର ଅଛନ୍ତି।

୨୪୪ ୱାର୍ଡରେ ୨୪୪ ଭୋଟଦାନ କେନ୍ଦ୍ର ସହ ୭ ଅସ୍ଥାୟୀ କେନ୍ଦ୍ର ରହିଛି। ସେଥିମଧ୍ୟରୁ ୬୭ ସମ୍ବେଦନଶୀଳ ଓ ୨୬ ଅତି ସମ୍ବେଦନଶୀଳ ବୁଥ୍ ରହିଛି। ୨୪୪ ୱାର୍ଡରୁ ୧୫୨ ୱାର୍ଡ ମେମ୍ବର ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀଭାବେ ନିର୍ବାଚିତ ହୋଇଛନ୍ତି। ୧୩ ବୁଥ୍‌ରେ କୌଣସି ନାମାଙ୍କନ ଦାଖଲ ହୋଇନାହିଁ। ସେଗୁଡ଼ିକରେ ପୁଣି ଥରେ ନାମାଙ୍କନପତ୍ର ଦାଖଲ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରାମପ୍ରସାଦ ଦୋରା ସୂଚନା ଦେଇଛନ୍ତି। ତେନ୍ତୁଳିଗୁମ୍ମା ପଞ୍ଚାୟତରେ ସମସ୍ତ ୧୧ ଜଣ ୱାର୍ଡମେମ୍ବରଙ୍କ ସମେତ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ସରପଞ୍ଚ ଭାବେ ଶଶୀ ପୂଜାରୀ ଓ ସମିତିସଭ୍ୟା ଭାବେ ମନମତି ନାୟକ ନିର୍ବାଚିତ ହୋଇଛନ୍ତି। ସେହିପରି ଚନ୍ଦ୍ରପଡ଼ା ପଞ୍ଚାୟତର ସରପଞ୍ଚ ଭାବେ ବାବି ମୁଦୁଲି ଅପ୍ରତିଦ୍ୱନ୍ଦ୍ୱୀଭାବେ ନିର୍ବାଚିତ ହୋଇଛନ୍ତି। ଜିଲା ପରିଷଦ ଜୋନ୍-୧ରେ ଏସ୍‌ୟୁସିଆଇ ପ୍ରାର୍ଥୀ ଦଶରଥ ନାୟକ, କଂଗ୍ରେସର ଧନିଆ ହରିଜନ, ଏଆଇଏଫ୍‌ବିର ଭଗତରାମ ସଗରିଆ, ବିଜେଡିର ରାଜେଶ୍ୱର ମହୁରିଆ , ବିଏସ୍‌ପିର ସଦନ ବାରିକ ଏବଂ ଭାଜପାର ସୁରେଶ ହରିଜନ ନିର୍ବାଚନ ଲଢୁଛନ୍ତି । ସେହିପରି ଜୋନ୍-୨ରେ କମଳା ନାୟକ (ବିଜେଡି), ମଣି ନାୟକ (କଂଗ୍ରେସ) ଏବଂ ସନାଇ ନାୟକ (ଭାଜପାରୁ) ନିର୍ବାଚନ ଲଢୁଛନ୍ତି।

## ସ୍ୱସ୍ତିକ, ରଶ୍ମି ବୃତ୍ତି ପରୀକ୍ଷାରେ ପ୍ରଥମ

ପାପଡାହାଣ୍ଡି,୨୯।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ସଦର ମହକୁମାର ଶିଶୁ ମନ୍ଦିରର ଛାତ୍ରୀଛାତ୍ର ବ୍ଲକସ୍ତରର ୨୦୧୦/୨୧ବର୍ଷର ବୃତ୍ତି ପରୀକ୍ଷାରେ କୃତିତ୍ୱ ଲାଭ କରିଛନ୍ତି। ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ସ୍ୱସ୍ତିକ ପଣ୍ଡା ଓ ତୃତୀୟ ଶ୍ରେଣୀର ବୃତ୍ତି ପରୀକ୍ଷାରେ ଜି.ରଶ୍ମି ପୂଜା ବ୍ଲକସ୍ତରରେ ପ୍ରଥମ ହୋଇଛନ୍ତି। ଶିକ୍ଷକ ସୁକମାର ପଣ୍ଡା ଶିକ୍ଷୟିତ୍ରୀ ଗୀତାଞ୍ଜଳି ଖାଡ଼ଙ୍ଗାଙ୍କ



ସ୍ୱସ୍ତିକ ପଣ୍ଡା



ଜି.ରଶ୍ମି ପୂଜା

ପୁଅ ସ୍ୱସ୍ତିକ ପୂର୍ବରୁ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ମଧ ବ୍ଲକସ୍ତରରେ ଦ୍ୱିତୀୟ ହୋଇଥିଲେ। ରଶ୍ମି ସ୍ଥାନୀୟ ଜି. ରାଜା ରାଓ ଓ ଜି. ସନ୍ଧ୍ୟାରାଣୀଙ୍କ ଝିଅ। ଉଭୟ ନିଜର ସଫଳତାର ଶ୍ରେୟ ଗୁରୁମା, ଗୁରୁଜୀ ଓ ପରିବାର ଲୋକଙ୍କୁ ଦେଇଛନ୍ତି। ପ୍ରଧାନ ଆଚାର୍ଯ୍ୟ ପୂର୍ଣଚନ୍ଦ୍ର ଗୁଆ ଓ ସମସ୍ତ ଶିକ୍ଷକ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଅସମ୍ପୂର୍ଣ୍ଣ ରାସ୍ତା ମରାମତି ନେଇ ଦାବି

ଜୟପୁର ୨୯।୧(ନି.ପ୍ର.)

ଜୟପୁର ସହରର ଅସମ୍ପୂର୍ଣ୍ଣ ରାସ୍ତାର ମରାମତି ନେଇ ଦାବି ହୋଇଛି। ଏ ନେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାହାଯ୍ୟ ହେଲ୍‌ପିଂ ହ୍ୟାଣ୍ଡସ ପକ୍ଷରୁ ଦାବି କରାଯାଇଛି। ଅନୁଷ୍ଠାନର ସଦସ୍ୟମାନେ ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଜୟପୁରର ମୁଖ୍ୟ ରାସ୍ତା ଦୀର୍ଘଦିନ ହେବ ମରାମତି କାମ ଅଧା ହୋଇ ପଡ଼ି ରହିଛି। ଏନ୍‌କେଟି ରୋଡ୍‌ର ରାସ୍ତାକାମ ମଧ୍ୟ ବହୁବର୍ଷ ହେବ ଅଧା କାମ ହୋଇ ପଡିରହିଛି। ଫଳରେ ଜନସାଧାରଣଙ୍କ ଚଳପ୍ରଚଳ



ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସହ ଆଲୋଚନା ଚାଲିଛି।

ବାଧାପ୍ରାପ୍ତ ହେଉଛି। ବେଲ୍ ରୋଡ୍‌ରୁ କୁମ୍ଭାରସାହି ରାସ୍ତା ମଧ ଶୋଚନୀୟ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବିପତ୍ରର ନକଲ ରାସ୍ତା ଓ ଗୃହ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଅନୁଷ୍ଠାନର ସଦସ୍ୟ ମୃତ୍ୟୁଞ୍ଜୟ ରାଉତ, କାର୍ତ୍ତିକ ରାଉତ, ପବିତ୍ର ମୋହନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଗୋରୁ ଚାଲାଣବେଳେ ଦୁର୍ଘଟଣା, ୩ ଗୁରୁତର

ପାପଡାହାଣ୍ଡି,୨୯।୧(ଡି.ଏନ୍.ଏ.)

ପାପଡାହାଣ୍ଡି ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ଧନସୁଲି ନିକଟରେ ଗାଈମାନଙ୍କୁ ନେଇ ଆନ୍ଧ୍ର ଯାଉଥିବା ବେଳେ ବାଇକ୍ ଦୁର୍ଘଟଣା ଘଟିଛି। ଏଥିରେ ଗୋବେପାରୀ ଭୂଷଣ ହରିଜନ, ବାଇକ ଆରୋହୀ ପଙ୍କଜ ବାଘ, କପିଳାସ ନାୟକ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ପାପଡାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଭୂଷଣ କେତେଗୁଡିଏ ଗାଈଙ୍କୁ ନେଇ ଆନ୍ଧ୍ର ଚାଲାଣ କରିବାକୁ ଯାଉଥିଲେ। ପଙ୍କଜ ଓ କପିଳାସ ଅନ୍ଧାରରେ ତାଙ୍କୁ ଦେଖି ନ ପାରି ଭୂଷଣଙ୍କ ଦେହରେ ଗାଡ଼ି ମାନ କରି ଦେଇଥିଲେ।

# ଆଦିବାସୀ ନୃତ୍ୟ, ସଙ୍ଗୀତ ଭିଡିଓ ଜରିଆରେ ଚାଲିଛି ପ୍ରଚାର

ମାଲକାନଗିରି,୨୯।୧(ଡି.ଏନ୍.ଏ.)

ଆଦିବାସୀ ବହୁଳ ମାଲକାନଗିରି ଜିଲାରେ ନିର୍ବାଚନ ପାଇଁ ବିଜେଡି ପକ୍ଷରୁ ସୋସିଆଲ ମିଡିଆ ପ୍ରଚାର ଚାଲିଛି। ଆଗଧାଡ଼ିର ନେତା ଓ କର୍ମୀମାନେ ବିଭିନ୍ନ ନୃତ୍ୟ ଓ ଗୀତର ଭିଡିଓ ମାଧ୍ୟମରେ ପ୍ରଚାର ଚଳାଇଛନ୍ତି। ଜିଲାର ଖଇରପୁଟ ବ୍ଲକ ଏକ ଆଦିବାସୀ ଅଧ୍ୟୁସିତ ଅଞ୍ଚଳ ହୋଇଥିବାବେଳେ ଏହି



ପ୍ରଚାର ଭିଡିଓରେ ବିଜେଡି ନେତା ଓ କର୍ମୀମାନେ ନୃତ୍ୟ କରୁଛନ୍ତି।

**ବିଜେଡିର ଡିଜିଟାଲ ପ୍ରଚାରକୁ ଗୁରୁତ୍ୱ**

ଅଞ୍ଚଳରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଜିଲା ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ଖଇରପୁଟ ବ୍ଲକ ସଂଯୋଜକ ନୃସିଂହ ମହାନ୍ତି ଏବଂ ଦଳୀୟ କର୍ମୀ ଏକ ଭିଡିଓ ମାଧ୍ୟମରେ ନିଜ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ଆରମ୍ଭ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଦଳ ଓ ଦଳୀୟ ପାର୍ଥୀଙ୍କ ବିଷୟରେ ବୁଝାଇବାକୁ ସ୍ଥାନୀୟ ଆଦିବାସୀ ନୃତ୍ୟ, ସଙ୍ଗୀତ ଓ ବାଦ୍ୟକୁ ନେଇ ଭିଡିଓ ପ୍ରସ୍ତୁତ କରାଯାଇଛି। ଏଥିରେ ନିଜେ ନୃସିଂହ ଏବଂ ଦଳୀୟ କର୍ମୀ ଆଦିବାସୀ ଗୀତର ତାଳେ ତାଳେ ନୃତ୍ୟ ପରିବେଷଣ କରୁଥିବା ଦେଖିବାକୁ ମିଳିଛି। ଡିଜିଟାଲ ପ୍ରଚାରକୁ ଗୁରୁତ୍ୱ ଦେଇ ଏଭଳି ଭିଡିଓ କରାଯାଇଥିବାବେଳେ ସ୍ଥାନୀୟ ଲୋକଙ୍କୁ ମଧ ଏହା ବେଶ ଆକୃଷ୍ଟ କରୁଥିବା ନଜରକୁ ଆସୁଛି। ଖଇରପୁଟ ବ୍ଲକରେ ବିଜେଡି ପକ୍ଷରୁ ବଳି ମାଝି ଉକ୍ତ ଅଞ୍ଚଳର ଜିଲା ପରିଷଦ ସଦସ୍ୟ ପାଇଁ ପ୍ରାର୍ଥୀ ହୋଇଥିବାବେଳେ ଭିଡିଓରେ ତାଙ୍କ ବିଷୟରେ ଏବଂ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନ ଉପରେ ଲୋକଙ୍କୁ ଅବଗତ କରି ପ୍ରଚାର କରାଯାଉଛି। ଆଗାମୀ ଦିନରେ କିଭଳି ଅଞ୍ଚଳରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ କରାଯିବ ତାହାକୁ ମଧ ଭିଡିଓରେ ଦର୍ଶାଯାଇଛି। ଦଳ ଭୋଟରଙ୍କୁ ଆକୃଷ୍ଟ କରିବାରେ ସଫଳ ହେବ ବୋଲି ଆଶା ରଖିଛି। କିନ୍ତୁ ଅନ୍ୟ ଦଳର ପ୍ରାର୍ଥୀ ଏ ପର୍ଯ୍ୟନ୍ତ ଡିଜିଟାଲ ପ୍ରଚାର ନେଇ କୌଣସ ପଦକ୍ଷେପ ନେବା ନଜରକୁ ଆସିନାହିଁ।

## ଗୁଣପୁରରେ ପ୍ରଥମଥର ପାଇଁ ଓଏସ୍ଏସ୍ଏସ୍‌ସି ପରୀକ୍ଷା

ଗୁଣପୁର,୨୯।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲାର ଗୁଣପୁରଠାରେ ପ୍ରଥମ ଥର ପାଇଁ ଓଏସ୍ଏସ୍ଏସ୍‌ସି ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି। ରବିବାର ଏଠାରେ ୩୬୩୬ ପରିକ୍ଷାର୍ଥୀ ପରୀକ୍ଷା ଦେବେ। ଏଥିଲାଗି ରାୟଗଡ଼ା ଜିଲା ଗୁଣପୁରଠାରେ ପରୀକ୍ଷା କେନ୍ଦ୍ର କରାଯାଇଛି। ପୂର୍ବରୁ ଅଞ୍ଚଳର ପିଲାମାନେ ରାୟଗଡ଼ା କିମ୍ବା ଅନ୍ୟ ସ୍ଥାନକୁ ଯାଇ ପରୀକ୍ଷା ଦେଉଥିଲେ। ଚଳିତ ବର୍ଷ ପ୍ରଥମ କରି ଗୁଣପୁରର ୮ କେନ୍ଦ୍ରରେ ଏହି ପରୀକ୍ଷା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ପ୍ରଶ୍ନ ପତ୍ରକୁ ଟ୍ରେଜେରିର ଷ୍ଟ୍ରଙ୍ଗ ରୁମ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯାଇଛି। ରବିବାର

**ପରୀକ୍ଷା ଦେବେ ୩୬୩୬ ପରୀକ୍ଷାର୍ଥୀ**

ଦିନ ୧୧ଟାରୁ ୨ଟା ପର୍ଯ୍ୟନ୍ତ ବିଭିନ୍ନ ପଦବି ଯଥା ଆର୍‌ଆଇ, ଏଆର୍‌ଆଇ, ଅମିନ ଏବଂ କର୍ମଚାରୀ ଆଦି ପଦ ନିମନ୍ତେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଗୁଣପୁରର ୮ ସେଣ୍ଟର ଯଥା ଜିଆଇଇଟି, ସରକାରୀ ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜିଆଇଏସ୍‌ଟି, ମହିଳା ମହାବିଦ୍ୟାଳୟ, ସରସ୍ୱତି ଶିଶୁ ବିଦ୍ୟା ମନ୍ଦିର, ଗୁଣପୁର କଲେଜ ଏବଂ ବିଟ୍‌ସ ଆଦି ସ୍ଥାନରେ ପରୀକ୍ଷା ହେବ। ପରୀକ୍ଷାର ସୁନିୟନ୍ତ୍ରଣ ପାଇଁ ୮ ମାଜିଷ୍ଟ୍ରେଟଙ୍କୁ ମଧ ନିଯୁକ୍ତି ଦିଆଯାଇଛି।

## ଏସ୍‌ସି, ଏସ୍‌ଟି ଛାତ୍ରୀଛାତ୍ରଙ୍କ ଶିକ୍ଷାର ଉନ୍ନତି ପାଇଁ ପ୍ରୟାସ

ମାଲକାନଗିରି,୨୯।୧(ଡି.ଏନ୍.ଏ.)

**ଘରକୁ ଘର ଯାଇ ଚାଲିଛି ସର୍ଭେ**

କରୋନା ମହାମାରୀ ସମୟରେ ଅନୁସୂଚିତ ଜାତି ଓ ଜନଜାତି(ଏସ୍‌ସି ଓ ଏସ୍‌ଟି) ଛାତ୍ରୀଛାତ୍ରଙ୍କ ଶିକ୍ଷା ଉପରେ ଖରାପ ପ୍ରଭାବ ପଡ଼ିଛି। ଏମାନଙ୍କ ଉନ୍ନତି ନିମନ୍ତେ ନୂଆଦିଲ୍ଲୀସ୍ଥିତ ଡ. ଅମ୍ବେଡକର ଅନ୍ତର୍ଜାତିକ କେନ୍ଦ୍ର, ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ପକ୍ଷରୁ ମାଲକାନଗିରି ପୌରାଞ୍ଚଳ ଓ କୋରୁକୋଣ୍ଡା ପଞ୍ଚାୟତର ୧୬୮ ଘରର ସର୍ଭେ କାର୍ଯ୍ୟ ୨୪ରୁ ଆରମ୍ଭ ହୋଇଛି। ଫେବୃୟାରୀ ୫ ପର୍ଯ୍ୟନ୍ତ ଏହା ଚାଲିବ। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାଙ୍କ ଶିକ୍ଷା, ଅଭିଭାବକଙ୍କ ସ୍ଥିତି ଉପରେ ସବିଶେଷ ବିବରଣୀ ପ୍ରସ୍ତୁତି କରିବା ନିମନ୍ତେ ୧୨ ଶିକ୍ଷକଙ୍କୁ ତଦନ୍ତକାରୀ କାର୍ଯ୍ୟକର୍ତ୍ତା ରୂପେ ନିଯୁକ୍ତ କରାଯାଇଛି। ଏଥିନିମନ୍ତେ ୨୨ ତାରିଖରେ ଡ. କେ. ଅନ୍ନପୂର୍ଣ୍ଣାମା, ପୋଷ୍ଟ ଡକ୍ଟରାଲ ରିସର୍ଚ୍ଚ ସ୍କୋଲାରଙ୍କ ଦ୍ୱାରା ତାଲିମ ଦିଆଯିବା ସହ ଆବଶ୍ୟକ ଦସ୍ତାବିଜ ଯୋଗାଇ ଦିଆଯାଇଛି। ଠିକ୍‌ଭାବେ ସର୍ଭେ କାର୍ଯ୍ୟ କରିବାକୁ କୁହାଯାଇଛି। ମାଲକାନଗିରି ଜିଲାପାଳ ବିଶାଳ ସିଂ ଓ ଡିଇଓ ମାନସ କୁମାର ଜେନାଙ୍କ ନିର୍ଦ୍ଦେଶରେ ସର୍ଭେ ଚାଲିଛି।



ସର୍ଭେ ପାଇଁ ନିଯୁକ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନେ।

# ବିଷମକଟକରେ ସୁଧୀର, ସାରକାଙ୍କ ପାଇଁ ସମ୍ମାନର ପ୍ରଶ୍ନ

ବିଷମକଟକ,୨୯।୧(ଡି.ଏନ୍.ଏ.)

- ପ୍ରାର୍ଥୀଙ୍କୁ ଜିତାଇବାକୁ ନେତାଙ୍କ ରଣନୀତି ଆରମ୍ଭ
- ବିଗତ ନିର୍ବାଚନରେ ରାଜୁତି କରିଥିଲା କଂଗ୍ରେସ

ଚଳିତ ପଞ୍ଚାୟତ ନିର୍ବାଚନ ପାଇଁ ସମସ୍ତ ସ୍ଥାନରେ ପ୍ରାର୍ଥୀଙ୍କ ନାମାଙ୍କନ ପ୍ରକ୍ରିୟା ସରିବା ପରେ ପ୍ରାର୍ଥୀଙ୍କୁ ଚିହ୍ନ ମିଳିଛି। ଏବେ ନେତାମାନେ ନିଜ ନିଜ ପ୍ରାର୍ଥୀଙ୍କୁ ବିଜୟୀ କରାଇବା ପାଇଁ ରଣନୀତି ତଥା ଅଙ୍କକଷା ଆରମ୍ଭ କରିଦେଲେଣି। ରାୟଗଡ଼ା ଜିଲା ରାଜନୀତିରେ ବିଷମକଟକ ନିର୍ବାଚନମଣ୍ଡଳୀ ସବୁବେଳେ ଚର୍ଚ୍ଚାରେ ରହିଥାଏ। ଏହା ଜିଲା ବିଜେଡି ସଭାପତି ସୁଧୀର କୁମାର ଦାସ ଏବଂ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ନିଜ ନିର୍ବାଚନମଣ୍ଡଳୀ ହୋଇଥିବାରୁ ଉଭୟଙ୍କ ପାଇଁ ଏଠାରେ ସମ୍ମାନର ପ୍ରଶ୍ନ ହୋଇଛି।

ବିଗତ ନିର୍ବାଚନ ଫଳାଫଳକୁ ଦେଖିଲେ ବିଷମକଟକ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ରାଜୁତି ଦେଖାଯାଇଥିଲା। କଂଗ୍ରେସ ୫ ଜିଲା ପରିଷଦ ଆସନ ଯଥା ବିଷମକଟକ ବ୍ଲକରେ ୨ଟି, ମୁନିଗୁଡ଼ାରେ ୧, କଲ୍ୟାଣସିଂହପୁରରେ ୧ ଏବଂ କୋଲନରାରେ ୧ ଆସନ ହାତକୁ ନେବାରେ ସଫଳ ହୋଇଥିଲା। ସେହିପରି ବିଜେଡି ୨ ଏବଂ ଭାଜପା ଗୋଟିଏରେ ବିଜୟୀ ହୋଇଥିଲା। ଏଠାରେ ଖୋଦ୍ ଜିଲା ବିଜେଡି ସଭାପତି ଗଡ଼ ସମ୍ଭାଳିଥିଲେ ମଧ୍ୟ ଦଳ ବିଷମକଟକ ବ୍ଲକରେ ଗୋଟିଏ ମଧ୍ୟ ଆସନ ହାତେଇବାରେ ସଫଳ ହୋଇ ନ ଥିଲା। ଏଥର ବିଜେଡି ବିଷମକଟକର ସମସ୍ତ ଜିଲା ପରିଷଦ ଆସନ ହାତେଇବା ପାଇଁ ଲକ୍ଷ୍ୟ ରଖି ରଣକୌଶଳ ଆରମ୍ଭ କରିଛି। ହେଲେ କଂଗ୍ରେସ ପିଛା ଛାଡୁନି। ଯେଉଁ ସ୍ଥାନରେ ଦ୍ୱିମୁଖୀ ଲଢ଼େଇ ଜୋର୍‌ଦାର ହେଉଥିଲା ଏବେ ସେହି ସ୍ଥାନରେ ଚତୁର୍ମୁଖୀ ଲଢ଼େଇ ହେବାକୁ ଯାଉଛି।



୨୦୧୭ରେ ବିଷମକଟକ ବ୍ଲକ 'କ' ଜୋନ୍‌ରେ କଂଗ୍ରେସ ୧୨୦୦ ରୁ ଉର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିବାବେଳେ 'ଖ' ଜୋନ୍‌ରେ ୨୫୦ରୁ ଉର୍ଦ୍ଧ୍ୱ ଭୋଟରେ ଜିତିଥିଲା। ଫଳରେ ବିଜେଡିକୁ ଦୁଇଟି ଆସନ ହରାଇ ନିରାଶ ହେବାକୁ ପଡ଼ିଥିଲା। କିନ୍ତୁ ଦଳ ୨୧ ପଞ୍ଚାୟତରେ ସମିତି ସଭ୍ୟ ସଂଗ୍ରହକରି ବିଷମକଟକ ବ୍ଲକ ଅଧ୍ୟକ୍ଷ ପଦ ହାତେଇଥିଲା। ଏଥର ମଧ ସେହି ସବୁ ଜୋନ୍ ଅନୁସୂଚିତ ଜନଜାତି ବର୍ଗଙ୍କ ସକାଶେ ସଂରକ୍ଷିତ ରହିଥିବାବେଳେ ବିଜେଡି ପକ୍ଷରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷା ବିଜୟ ଶାନ୍ତି କୁମୁରୁକା 'ଖ' ଜୋନ୍‌ରେ, ଭାଜପା ପକ୍ଷରୁ ଗୌତମ ଉଲାକା, କଂଗ୍ରେସ ପକ୍ଷରୁ ନୂଆ ମୁହଁ ଭାବେ କୃଷ୍ଣ ନାଣକା, ବିଏସ୍‌ପି ପକ୍ଷରୁ ସୁରେନ୍ଦ୍ର କେଟିଗୁଡ଼ା ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ମୀନକେତନ ହିକକା ଓ ଦମୟନ୍ତୀ ପିଡିକାକା ଲଢ଼େଇ ପାଇଁ ପ୍ରସ୍ତୁତ ହେଉଛନ୍ତି। ବିଜେଡି ବହୁ ଆଗରୁ ନିଜ କର୍ମୀଙ୍କୁ ନେଇ ଗଡ଼ ସଜାଡ଼ିଥିବାବେଳେ କଂଗ୍ରେସ ଉପଯୁକ୍ତ ସମୟରେ ଗଡ଼ରେ ପଶିବା ପରେ ବିଜେଡି ପାଇଁ କଷ୍ଟକର ହୋଇପଡୁଛି। ସେଥିପାଇଁ ଦଳ 'କ' ଜୋନ୍‌ରେ ହାଟ ମୁନିଗୁଡ଼ାର ପୂର୍ବତନ ସରପଞ୍ଚ ସୁଜାତା କାଡ୍ରାକାଙ୍କୁ ଟିକେଟ ଦେଇଛି। ସେହିପରି କଂଗ୍ରେସ ମଧ ନୂଆ ମୁହଁଭାବେ ମହିଳା ପ୍ରାର୍ଥୀ ଗୀତା କୃଷିକାଙ୍କୁ ଏବଂ ଭାଜପା ଗୀତା ହିକ୍‌କାଙ୍କୁ ଟିକେଟ ଦେଇଛି। ବିଏସ୍‌ପି ମଧ ପ୍ରାର୍ଥୀ ଦେବାରେ ବିଳମ୍ବ ନ କରି କୁନି ଜାକେସିକାଙ୍କୁ ପ୍ରାର୍ଥୀ କରିଛି। କିନ୍ତୁ ଏଠାରେ ମୁଖ୍ୟତଃ ବିଜେଡି ଓ କଂଗ୍ରେସ ମଧ୍ୟରେ ଦ୍ୱିମୁଖୀ ଲଢ଼େଇ ଜୋର୍‌ଦାର ହେବ ବୋଲି ରାଜନୈତିକ ସମୀକ୍ଷକଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି।

